କାହାଣୀକୁ ଖୁବ୍ ଚିତାକର୍ଷକ ତଥା ଜଟିଳ କରିଦେଇଥିଲା । ମୋ ପାଇଁ ତ ସେମାନେ ଯେପରି ବିଭିନ୍ନ ସ୍ତରକୁ ଉତ୍ପୀଡ଼ିତ କରି ରଖିଦେଇଥିଲେ । ଶବ୍ଦ ଓ ଭାବ ବ୍ୟଞ୍ଜନାକୁ ଅଧିକ ନମନୀୟ କରିଦେବା ସହିତ ସ୍ଥାନ ଓ ପରିବେଶକୁ ଏକ ନୂଆ ଧରଣର ବୋଧଶକ୍ତି ଦେଇଥିଲା । ଏଇଥିପାଇଁ ସ୍ୱତଃ ଏକ ନୂଆ ଶୈଳୀ ମୋତେ ମିଳିଯାଇଥିଲା । ଏହାହିଁ ମୋ ରଚନାର କଥାବସ୍ତୁ ଏବଂ ଶୈଳୀରେ ସ୍ଥାନିତ ହୋଇଯିବା ହେତୁ ତାହା କିଛି ଲୋକଙ୍କୁ ପରିଶ୍ରାନ୍ତ କରିଥିଲା ।

କୌଣସି ବି କଥାବସ୍ତୁ ନିଜ ପାଇଁ ସ୍ୱତଃ କିପରି ଶୈଳୀ ଓ ଭାବବ୍ୟଞ୍ଜନ ସମାହିତ ଏକ ରଚନାକୁ ଚାଲିଆସେ, ତାହା ବୁଝିବା ମୋ ପାଇଁ ପ୍ରାୟତଃ କଠିନ ହୋଇଥାଏ । ଉଦାହରଣ ସ୍ୱରୂପ, କୌଣସି ଏକ ପରିବାରର ପିଢି ପରେ ପିଢିର କଥା ଲେଖିବା ପାଇଁ ମୁଁ ଯେତେବେଳେ ବସେ ସେତେବେଳେ ସବୁ କାଳଖଣ୍ଡ ସହିତ ନୂଆ ଶୈଳୀ ଆସୁଥାଏ ଓ ଚାଲି ଯାଉଥାଏ । ମଧକାଳ ପାଇଁ 'ମଲ୍‌ଫୁଜାତ୍' ତଥା ବିସ୍ତାରିତ ବର୍ଣ୍ଣନାର ଶୈଳୀ ଥିଲା ବେଳେ ଭିକ୍ଟୋରିଆ କାଳ ପାଇଁ ଥିଲା ଉର୍ଦ୍ଦୁ ଔପନ୍ୟାସିକମାନଙ୍କ ଶୈଳୀ ଆଉ ଏବେ ଆଧୁନିକ କାଳରେ ତାହା ହୋଇଯାଇଛି ପାଶ୍ଚାତ୍ୟାଭିମୁଖୀ ରଚନା ଶୈଳୀ । ଅଧିକତର ସୃଜନଶୀଳ ସ୍ରଷ୍ଟାମାନେ ଭାବୁଥିବେ ଏହା କିପରି ଭାବରେ ରୂପାନ୍ତରିତ ହୋଇଯାଇଥାଏ । ସେ ଯାହା ହେଉନା କାହିଁକି ମୁଁ କହିବାକୁ ଚାହେଁ ଯେ ମୁଁ କେବେ ବି ପତାକା ଓ ସ୍ଲୋଗାନ କଥା ଚିନ୍ତା କରିନାହିଁ । ମୋତେ ପ୍ରତିକ୍ରିୟାବାଦୀ ବୋଲି କୁହାଯାଇଥାଏ । ମୁଁ ସମ୍ଭବତଃ ଅନ୍ତର୍ମୁଖୀ ହିଁ ହୋଇରହିଛି । ତଥାପି ବି ମୋର ବହୁ ସ୍ତରୀୟ ପ୍ରଭାବଶାଳୀ ଶୈଳୀ ଉର୍ଦ୍ଦୁ କଥାସାହିତ୍ୟରେ ଏକ ନୂଆଧାରା ଆରମ୍ଭ କରିଛି । ୧୯୪୭ ମସିହାରେ ଯେତେବେଳେ ଜଣେ କିଶୋରୀ ଥିଲି ମୁଁ ମୋର ପ୍ରଥମ ଉପନ୍ୟାସ 'ମେରେ ଭି ସନ୍‌ମଖାନେ' ରଚନା କରିଥିଲି । ସେଥିରେ କିଛି ଯୁବ ଆଦର୍ଶବାଦୀ ବ୍ୟକ୍ତିଙ୍କ ଝୁମ୍ପୁଡ଼ି ବସ୍ତି-ଜୀବନ ଓ ସେମାନଙ୍କ ସମ୍ମିଳିତ ମନୋଭାବର କଥା ବର୍ଣ୍ଣନା କରିଥିଲି । କେତେକ ଉର୍ଦ୍ଦୁ ସମାଲୋଚକ ସେହି ଉପନ୍ୟାସକୁ ଉର୍ଦ୍ଦୁ ସାହିତ୍ୟର ଶ୍ରେଷ୍ଠ ଦଶଟି ଉପନ୍ୟାସ ମଧ୍ୟରେ ତାହାକୁ ସ୍ଥାନିତ କରନ୍ତି । ଲଣ୍ଡନରେ ରହୁଥିବା ବେଳେ ୧୯୫୨ ମସିହାରେ ଏକ କ୍ଷୁଦ୍ର ଉପନ୍ୟାସ 'ଦି ଏକ୍‌ଜାଇଲ୍ସ' ଶୀର୍ଷକରେ ଲେଖିଥିଲି । ବିଶ୍ୱଯୁଦ୍ଧ ପରବର୍ତ୍ତୀକାଳର ୟୁରୋପରେ ଶରଣାର୍ଥୀମାନଙ୍କର ପ୍ଲାବନ ଛୁଟିଥିଲା । ଲଣ୍ଡନର ପୂର୍ବ ଓ ପଶ୍ଚିମ-ଉତ୍ତର ଦିଗରେ ବିସ୍ଥାପିତ ଯୁବକମାନଙ୍କ ସଂଖ୍ୟା ଖୁବ୍ ବଢ଼ିଯାଇଥିଲା । ସେମାନେ କିନ୍ତୁ ଏକଥା କହିପାରୁନଥିଲେ ଯେ 'ଇଷ୍ଟ ଅର୍ ୱେଷ୍ଟ, ହୋମ୍ ଇଜ୍ ଦି ବେଷ୍ଟ', କାରଣ ସେମାନଙ୍କର ଜନ୍ମଭୂମିର ଗୃହ ତ ସବୁଦିନ ପାଇଁ ସେମାନଙ୍କ ନିକଟରୁ ଚାଲିଯାଇଥିଲା । ଶୀତଳ ଯୁଦ୍ଧରେ ମଗ୍ନ ରହିଥିବା ଶକ୍ତିଗୁଡ଼ିକ ସହିତ ସେମାନଙ୍କର କୌଣସି ମାନସିକ ସମ୍ପର୍କ ହିଁ ନ ଥିଲା । ସେଠାରୁ ଅପସରି ଯାଇ ସେମାନେ କୁଆଡ଼େ ଗଲେ ? ସେମାନେ ବାମପନ୍ଥାରେ ହୁଏତ ସାମିଲ୍ ହୋଇଯାଇଥିଲେ । ସେମାନେ ଗାଉଥିଲେ- "ଆମ ଜନ୍ମଭୂମି ଯେତେଦୂରରେ ହେଉ ନା କାହିଁକି, ଏକ ମହାଦୃଷ୍ଟି ଆମକୁ ଏକତ୍ର କରିଦେଇଛି ।" ସେମାନେ ସମସ୍ତେ ଭାଗ୍ୟବାନ ଥିଲେ କାରଣ ସେମାନେ ଭବିଷ୍ୟତକୁ ନେଇ ଆଶ୍ୱସ୍ତ ଥିଲେ । ଏବେ ଏପରି କୌଣସି ମହାଦୃଷ୍ଟି ଅଛି କି ଯାହା ଯୁବପିଢ଼ିକୁ ଏକତ୍ର କରିଦେବ ? ସେମାନେ ତ ସାରା ସଂସାରରେ ଯୁଦ୍ଧ-ଉନ୍ମାଦନାକାରୀଙ୍କ ପଞ୍ଝା ଭିତରେ ଫସି ଯାଇଛନ୍ତି ।

ମୁଁ ମୋ କଥାସାହିତ୍ୟରେ କେତେ ପ୍ରକାରର ବିଷୟବସ୍ତୁ ନେବାକୁ ପ୍ରୟାସ କରିଛି । ସେଥିରେ ଗରିବ ହୋଇଥିଲେ ବି ପ୍ରତିଭା ସମ୍ପନ୍ନ କଳାକାରମାନେ ବି ଅଛନ୍ତି ଯେଉଁମାନଙ୍କୁ ଆମ ସମାଜ ତାହାର ସୀମାନ୍ତ ଶ୍ରେଣୀ ବା ମାର୍‌ଜିନ୍‌ରେ ବସେଇ ଦେଇଛି । ସେମାନଙ୍କ ମଧ୍ୟରେ ଆଧୁନିକ ଶିକ୍ଷିତ ମହିଳାମାନେ ବି ଅଛନ୍ତି ଯେଉଁମାନେ ଆତ୍ମ ନିର୍ଭରଶୀଳ ହୋଇଥିଲେ ମଧ କେତେକ କ୍ଷେତ୍ରରେ ଶୋଷଣର ଶିକାର ହେଉଛନ୍ତି ଏବଂ ସେମାନଙ୍କ ମଧ୍ୟରେ ଅନେକ ଅଳ୍ପସଂଖ୍ୟକ ସମୂହର ହୋଇଥିଲେ ବି ସେମାନଙ୍କର ନିଜସ୍ୱ ଉପ-ସଂସ୍କୃତି ରହିଛି ମାତ୍ର ସେମାନେ ଦୁର୍ଭାଗ୍ୟବଶତଃ ମାନସିକ ଭାବେ ପୀଡ଼ିତ ଥିଲେ । ସେମାନଙ୍କର ସେଥିରେ କୌଣସି ଦୋଷ ନଥିଲା । ସେମାନେ ସମସ୍ତେ ମୋ ଗଳ୍ପ ଓ ଉପନ୍ୟାସ ଭିତରକୁ ଚାଲିଆସିଥିଲେ ।

"ଆଖିର୍-ଏ-ଶବ୍ କେ ହମ୍‌ସଫର' ଉପନ୍ୟାସ ବଙ୍ଗ ବିଭାଜନ ପୂର୍ବରୁ ସେଠାକାର ଆତଙ୍କବାଦୀମାନଙ୍କ ପୃଷ୍ଠଭୂମି ଉପରେ ଲେଖିଥିଲି । ଏହାର କଥାବସ୍ତୁ ୧୯୩୯ରୁ ଆରମ୍ଭ ହୋଇ ବାଂଲାଦେଶ ଗଠନ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏଥିରେ ଦର୍ଶାଯାଇଛି ଯେ ଲୋକମାନେ କିପରି ଭାବେ ରାଜନୈତିକ ଭୂମିକମ୍ପରେ ଅସ୍ଥିର ହୋଇଉଠନ୍ତି ଏବଂ ନିଜ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ବା ପରିସ୍ଥିତି ହେତୁ ବିଚାରବୋଧ ଓ ବ୍ୟକ୍ତିତ୍ୱର ପରିବର୍ତ୍ତନ ଘଟାଇ ପାରନ୍ତି ।

'ଗର୍ଦିଶ୍-ଏ-ରଙ୍ଗ-ଏ-ଚମନ୍' ୧୯୮୭ରେ ପ୍ରକାଶିତ ହୋଇଥିଲା । ଏହାକୁ ଅର୍ଦ୍ଧବୃତ୍ତାନ୍ତାତ୍ମକ ଉପନ୍ୟାସ ବୋଲି କୁହାଯାଇପାରେ କାରଣ ଏଥିରେ ମୁଁ କେତେକ ବାସ୍ତବ ଚରିତ୍ରର ବର୍ଣ୍ଣନା କରିଛି, ଯେଉଁମାନେ କାହାଣୀର ପୃଷ୍ଠଭୂମିରେ ହିଁ ରହିଥିଲେ । ଏହାର କଥାବସ୍ତୁ ୧୮୫୭ ମସିହାରୁ ଆରମ୍ଭ ହୋଇ ସାମ୍ପ୍ରତିକ କାଳ ପର୍ଯ୍ୟନ୍ତ ଗତିଶୀଳ ରହିଛି । ଗୋଟିଏ ସ୍ତର ପର୍ଯ୍ୟନ୍ତ ଏହା ସେହି ମହିଳାମାନଙ୍କ ଉପରେ ଯେଉଁମାନେ ପରିସ୍ଥିତି ଓ ସାମାଜିକ ଦୁଃସ୍ଥିତିର ଶିକାର ହୋଇଯାଇଛନ୍ତି । ଜନ୍ମମାଟିର ଅଧିକାର ବିଷୟ ମୋ ନୂଆ ଉପନ୍ୟାସ 'ଚାନ୍ଦନୀ ବେଗମ୍'ର କଥାବସ୍ତୁ । ଏହାର କାହାଣୀ ଗଢ଼ି ଉଠିଛି ସମକାଳର ଲକ୍ଷ୍ନୌ ସହରକୁ କେନ୍ଦ୍ରକରି । ଏହି ଉପନ୍ୟାସର ଚରିତ୍ରମାନେ ହେଉଛନ୍ତି ସମାଜର ସବୁ ବର୍ଗର ବ୍ୟକ୍ତି ବିଶେଷ । ଏମାନଙ୍କ ମଧ୍ୟରେ କିଛି ହରିଜନ ଅଛନ୍ତି ଯେଉଁମାନେ ପିଢ଼ି ପରେ ପିଢ଼ି ନୃତ୍ୟ ଗୀତ, ସୁଆଙ୍ଗ ପରିବେଷଣ କରିଆସୁଛନ୍ତି । ମୋ କ୍ଷୁଦ୍ର ଉପନ୍ୟାସ 'ଅଗଲେ ଜନମ୍ ମୋହେ ବିଟିୟା ନ କିଜୋ'ରେ ଲକ୍ଷ୍ନୌର ଚିକନ୍ ଶିଳ୍ପୀ ଓ ପତିତାମାନଙ୍କ ଉପରେ ପର୍ଯ୍ୟବସିତ । ଏସବୁ ଚରିତ୍ରମାନେ ଆମ ସମାଜରେ ଅତି ଦୟନୀୟ ଭାବେ ଶୋଷିତ ହୋଇଚାଲିଛନ୍ତି ।

ପାର୍ବତ୍ୟ ଅଞ୍ଚଳର ଚା' ବଗିଚାଗୁଡ଼ିକରେ ଗୋତି ଶ୍ରମିକ ତଥା ଭୂମିହୀନ ଶ୍ରମିକମାନଙ୍କ ଉପରେ ମୁଁ 'ଚାୟ କେ ବାଗ୍' ଶୀର୍ଷକରେ ଏକ ଉପନ୍ୟାସ ଲେଖିଛି । ଏମାନେ ପୂର୍ବ-ପାକିସ୍ଥାନ ଓ ଭାରତର ସୀମା ଉପରେ ବାରମ୍ବାର ଆସି ପହଞ୍ଚିଯାଆନ୍ତି । ଏଥିରେ ଏକଥା ମଧ